ଭୀମକୁ ଜଳପ୍ରଭାକୁ ପ୍ରଦାନ ଓ ଭୀମର ଭୀଷ୍ମ ରୂପ ଧାରଣା

ଖରା ବରଷା ଯେ ଶୀତ ଆଦି କରି
ଗୃହ ବାସ ତେଜି କରି ଜଗି ଥାଇ ଜଳ ଯେ ଅନ୍ଧାରୀ ।୧ ।
ପାପ ପୁଣ୍ୟ ଭୀମ ତୁ କିଛି ହିଂ ନ ବିଚାରୁ
ଯେ ସେ ଉପୁଗାରୀ ତାକୁ ବାଟରେ ନେଇ ମାରୁ ।୨ ।

----------------------------

୬୯ ।୨ { ସମସ୍ତେ ଭ୍ରାତା ଆମ୍ଭେ ୟେକ ହିଂ ଶରୀର ।
{ସମସ୍ତେ ଭ୍ରାତା ଆମ୍ଭେ, ୟେକ ଯେ ପିଅର ।

୭୦ ପଦ ପରେ ୨ଟି ପୋଥିରେ ଅଛି:-
ଯୁଝେଷ୍ଠି ବୋଇଲେ ୟେହା ନୋହଇ ଧର୍ମ କଥା
ବିଦୁରଙ୍କ ବଚନେ ୟେ ଆମ୍ଭଙ୍କୁ କଲା ଧର୍ମ ପିତା ।

୭୧ ।୨ { କ୍ଷଣକେ ସ୍ୱାମୀ ଯେ ଛାଡିଲେ ନିଶ୍ୱାସ
{ କାହାକୁ ଦିଲେ ତୁମ୍ଭେ ହୋଇବ ହରଷ ।

୧ ।୨ { ଗୃହବାସ ତେଜି କରି ଜଗିଥାଇ ଯତ୍ନ କରି ।
{ ଗୃହବାସ ତେଜି କରି ଜଗୁଥାଇ ପାହାରୀ ।

ମାତାଙ୍କର ବଦନ ଚାହିଂଣ ଧର୍ମସୁତ
ମା ଗୋ ଆମ୍ଭେ ଅଟୁ ତୋହୋର ତିନି ଗୋଟି ପୁତ ।୩ ।
ନକୁଳ ସହଦେବ ଦୁହିଂନ୍ତି ଦୂର କରି
ତୋହୋର ତିନି ପୁତ୍ର ହୁଂ ଜଣେ ଦିଅସି ବିଚାର ।୪ ।
କୋଇନ୍ତାୟେ ବୋଇଲେ ରେ ଦୁଷ୍ଟ ଅଟଇ ଭୀମ
ମନ୍ଦ ବିତ୍ରକେ ୟେହାର ନାହିଂ ଆନ କର୍ମ ।୫ ।
ୟେହାରେ ସେ ଅନ୍ତର ଧଇଲେ ଆମ୍ଭଙ୍କୁ ଧୃତରାଷ୍ଟ
ଗୁରୁ ଗଉରୋବ ମାନ୍ୟ ନାହିଂ ଆନୁବ୍ରତେ ଅଟଇ ମହା ଦୁଷ୍ଟ ।୬ ।
ଷାଠିୟେ ପଉଟି ଆଣିଲେୟେ ବେଳକୁ ସେ ନ ଅଣ୍ଟି
ପେଟ ନ ପୂରିଲେ ସେ ହୋଉଥାଇ ମହା କଷ୍ଟୀ ।୭ ।
ଭିକ୍ଷା ମାଗି ତ ୟେ ନ ଯିବ କଦାଷ୍ଚିତେ
ଅଳପ ନୟନେ ଯାର ନ ଦିଶଇ ଯୁଗତେ ।୮ ।
ଯାଅ ଯା ପଣ୍ଡାୟେ ବୋଲି ଯେହୁଟି ବୋଲିବ
କୁତିଆ ଗୋଟି ଉପାଡିଣ ତାହାର ସବୁନ୍ତି ମାରିବ ।୯ ।
ୟେତେ କୁ ଦୁଷ୍ଟ ଆମ୍ଭ ସଙ୍ଗତେ ନ ଥାଉ
ଭୀମକୁ ଦେବା ୟେବେ ୟେ ଜଳପ୍ରଭା ଖାଉ ।୧୦ ।
ଯୁଝେଷ୍ଠି ଦେବ ମାୟେ କରନ୍ତେ ୟେସନ ଭାଳେଣି
ଦୁହିଂକରି ବିଚାର ସେ ଭୀମସେନ ଜାଣି ।୧୧ ।
ବୋଇଲା ତୁମ୍ଭର ମନ ଗୋ ମୁହିଂ ଜାଣିଲିନି ଆଇ
ମୋତେ ଦେମାକୁ ଗୋ ଭାଳୁଛ ତୁମ୍ଭେ ଦୁଇ ।୧୨ ।
ୟେତେ ବୋଲି ଭୀମା ନଦୀରେ ପଡିଲାକ ତେଇଂ
ଜଳପ୍ରଭା ଆତ୍ରେଷି ଧଇଲା ନିଠାଇ ।୧୩ ।

-------------------------

୫ ।୨ ଦ୍ୱନ୍ଦ କରିବା ବିତ୍ରକେ ତାକୁ ନ ରୁଚଇ ଆନ ।

୧୨ ପଦ "ମୋତେ ଦେମାକୁ ଭାଳୁଛ ଗୋ ତୁମ୍ଭେ ଦୁଇ" ପରେ ୟେକ ପୋଥିରେ ଥିବା ଅଧିକ ପାଠ-
ଯୁଝେଷ୍ଠି ବୋଇଲେ ବାବୁ ତୋତେ କି- । ଦେବି

ଜଳପ୍ରଭା ଖାଉ ମୋତେ ମୁହିଂ ଯେ ପଡିବି ।

ଦୁଇ ହସ୍ତେ ଧରି ଉପରକୁ ପିଙ୍ଗି ଦିଲା
ଝିଣ୍ଟିକା ମୂର୍ତ୍ତି ପ୍ରାୟେ ଭୀମ ଉଦରେ ପଶିଲା ।୧୪ ।
କୁମ୍ଭୀର ଗର୍ଭ ଦିଶଇ ପାତାଳ ବିମ୍ବର ପ୍ରାୟେ
ଗର୍ଭରେ ପଶିଅଛି ଯେ ପବନ ତନୟେ ।୧୫ ।
ତହୁଂ ନାବ ବାହି କରି ନେଲା କଣ୍ଡେୟାର
ଚାରି ଭାଇ ମାତାୟେ ଓହ୍ଲାଇଲେ କୂଳର ।୧୬ ।
ଯୁଝେଷ୍ଠି ଅନେକ କ୍ରୋଧ କଲେ ଭୀମକୁ ନ ଦେଖି
ଅବିକ୍ଷଣ ଲୁଅ ବହଇ ବେନି ଆଖି ।୧୭ ।
ନକୁଳ ସହଦେବ ଆବର କିରାଟୀ
ଅସାଷ୍ଟମ ହୋଇଣ ସେ ଭୂମିରେଣ ଲୋଟି ।୧୮ ।
ଆରେ ଆରେ ମୋର କାହିଂ ଗଲୁ ବଳବନ୍ତା ଭାଇ ଗୋଟି
ଅନେକ ବିକଳେ ଯେ ବୋଲନ୍ତି ଯୁଝେଷ୍ଠି ।୧୯ ।
କେଣିକି ଯିବି ଭୀମ ରେ ତୋହୋର ଅଭାବେ
ବାଟ କଢାଇଣ କେ ନେବ ମୋତେ ୟେବେ ।୨୦ ।
-----------------
ୟେମାନନ୍ତ ଘେନି ବାବୁ ବୁଲ ତୁମ୍ଭେ ସୁଖେ
ମୁହିଂ ଆଧାର ହୋଇବି ଜଳପ୍ରଭା ମୁକେ ।
ୟେତେ ବେଲି ଯିଝେଷ୍ଠି ପଡୁଛନ୍ତି ତେଇଂ
ଭୀମସେନ ବୋଇଲା ରହ ରହ ଗୋସାଇଂ ।
ତୁମ୍ଭେ କି- । ମୁହିଂ ପଛେ ଯିବି
ଜଳପ୍ରଭା ମୁଖେ ଆହାର ହୋଇବି ।
ଆବର ଭାଇ କାହିଂ ଦେଖିବି ମୋର ଆଖି ।
{ ତୁଣ୍ଡ ବସ୍ତାରିଣ ଭୀମକୁ ଗର୍ଭକୁ ଖେପିଲା ।
୧୪୧ ।୧ { ତୁଣ୍ଡ ବିସ୍ତାରି ଭୀମକୁ ଗର୍ବରେ ଭରିଲା ।
{ ତୁମ୍ଡ ବିସ୍ତାରିଲା ଭୀମକୁ ଅଳପେ ଗିଳି ଦିଲା ।
{ ବାଟେ ବସାଇଣ କାଟିଲୁ ଆମ୍ଭର ତଣ୍ଟି
{ ତୋହୋର ବିହୁନେ ଆମ୍ଭେ ହୋଇଲୁ ମହାକଷ୍ଟି
୨୦ { କେଣିକି ଯିବୁ ଭୀମରେ ତୋତେ ହରାଇଟି
{ ରୋଦନ୍ତି କାରୁଣ୍ୟ ଧନୁ ଅଶ୍ରୁ ଜଳ ବୃଷ୍ଟି ।
ମନ୍ଦ ଅଗ୍ନି ହୋଇଲେ ଯେହ୍ନେ ନିର୍ବଳ ହୋଅନ୍ତି ପ୍ରାଣୀ
ଦଶ ଦିଶ ଅନ୍ଧାର ହେଲା ମୋତେ ଜାତି ଅନ୍ଧ ଜାଣି ।୨୧ ।
ରିପୁ ତ୍ରାସ କରୁଥିଲା ତୋହୋର ପ୍ରାକର୍ମ ଦେଖି
ତୋହୋର ଅଭାବେଣ ମୁଂ ହୋଇଲି ନିରିମାଖି ।୨୨ ।
କୋଇନ୍ତାୟେ ବୋଇଲେ ବାବୁ କେତେ କରୁ ଶୋକ
ରୟେଣୀ ପାଇଲେ ପୁଣ ଦାଣିମେ ସର୍ବଲୋକ ।୨୩ ।
ହଦିଲା ବଣା ଲୋକଙ୍କୁ ବାବୁ କି ବାଟ ଚାହିଂ
ମଲା ନୁଆସଇ ଭାସ୍କ କାହିଂ ନ ଆଙ୍କୋରଇ ।୨୪ ।
ଚାରି ପୁଅଙ୍କର ଯେ ହସ୍ତ ଦେବୀ ଧରି
ପଶିଲେ ଗହନ ବନେ ନରସିଂଘ ସୁମରି ।୨୫ ।
ଭୀମତୁନୀ ହୋଇଅଛି କୁମ୍ଭୀରର ଗର୍ଭେ
ଭାଇ ମାଆଙ୍କର ମନ ଜାଣିବା ନା ୟେହି ପରସ୍ତାବେ ।୨୬ ।

ଯେତେବେଳେ ନିରାଶେ ସେ ଗଲେ ଘୋର ବନେ
କୁମ୍ଭୀର ଗର୍ଭେ ଭୀଷ୍ମରୂପ ଧଇଲେ ଭୀମସେନେ ।୨୭ ।
ବର୍‌ିକୋଦର ମୂରତି ଧଇଲା ମହାବଳ
ଶରୀର ବିକାଶିଲା ଉଛର୍ଗ ନବତାଳ ।୨୮ ।
ପଞ୍ଚ ତାଳ ଉଛର୍ଗ ଯେ କୁମ୍ଭୀର ଗର୍ଭ ଗୋଟି
ମହା ଭରା ପାଇଗଲା ତାର ପେଟ ଫାଟି ।୨୯ ।
କୁମ୍ଭୀରକୁ ମାରି ଚର୍ମ ଛଉରି ଭୀମ କରି
ଉପରେ ପକାଇ କରି ହୋଇଂ ବାହାର ଜଗନ୍ନାଥଙ୍କୁ ସୁମରି ।୩୦ ।
ନାବ ଗୋଟି ଘେନି ଆସଇ କଣ୍ଡେୟାର
ରାଗେଣ ଚାପୋଡେକ ମାଇଲା ବୃକୋଦର ।୩୧ ।
-----------------------
୨୧ ।୧ ଦଶଦିଶ ଅନ୍ଧାର ମୋତେ ଦିଶିଲା ରୟେଣୀ ।
୩୧ ପଦ ପରେ ପାଠାନ୍ତର-
ନାବ ଗୋଟି ଘେନି ଯାଉଅଛି କଇବ୍ରତ
ରାଗେ ଚାପୋଡେ ମାରିଲା ପବନର ସୁତ ।
ତାହାଙ୍କ ଭାଳିଲା ବେଳେ ତୁହି ବସିଥିଲୁ
ମୋତେ ଦେବାକୁ ତୁହି ରେ ସନମତ କଲୁ ।

ତାହାଙ୍କର ଭାଳେଣିରେ ତୁହି ପଶିଥିଲୁ
ମୋତେ ଦେବାକୁ ବୋଲୁଂ ରେ ତୁହି ସନମତ କଲୁ ।୩୨ ।
କୋପେଣ ମୁଣ୍ଡ ତାର ପକାଇଲା ମୋଡି
ନାବ ଗୋଟି ଭାଙ୍ଗିଲା ଶତଖଣ୍ଡ କରି ।୩୩ ।
ପ୍ରକୋପିତ ବଦନ ହଇଂ ଧାମଇଂ ଧୋର ବନେ
ମେଦୀନି କ-ୁ ଅଛି ତାର ଚରଣ ଉଦ୍ଧାନେ ।୩୪ ।
ଯୁଝେଷ୍ଠି ବୋଇଲେ ମା ଗୋ ମୁଣ୍ଡତ ପୋଡିଲା
କେଉଂଣ ରାକ୍ଷସ ଆମ୍ଭଙ୍କୁ ଦେଖିଣ ଧାଇଂଲା ।୩୫ ।
ଆରେ ମୋର ଭାଇ ମୁହିଂ କି- ।ଇଂ ନ ମଲି
ତୋତେ ମରାଇ ମୁହିଂ ସଂପୋତେ ନାଶ ଗଲି ।୩୬ ।
------------------------
କୋପେ ଆଜି ମୁଣ୍ଡ ତାର ପକାନ୍ତିରେ ନୋଡି
ନାବ ଗୋଟି ଭାଙ୍ଗନ୍ତି ମୁଂ ଶତେ ଖଣ୍ଡ କରି ।
ବିଦୁରଙ୍କ ଯୋଗୁ ତୋର ରଖିଲି ପରାଣ
ୟେ କଥା ତୁ ନ କହିମ କରିବୁ ଗୋପନ ।
କେବଳ ତୁ ବିଦୁରଙ୍କ ଆଗରେ କହିବୁ
ଆନ କେହି  ଜାଣିଲେ ତୁ ସବଂଶେ ମରିବୁ ।
ଭୟେ ନାବିକ କହଇ ରଖ ମୋର ପ୍ରାଣ
ତହିଂ ତୁମ୍ଭ ପାଦେ ପଶିଲି ଶରଣ ।
ସତ୍ୟ କହୁଅଛି କେଭେଂ ନ କହିବି କାହିଂ
ୟେତା କହି ନାବ ଗୋଟି ଦିଲା ସେହୁ ବାହି ।
୩୬ ପଦ ପରେ ଅଧିକା ପାଠ-
ୟେମନ୍ତ ଦେଖିଣ କରେ ଝନୁ ଧଇଲା ଅର୍ଜୁନ
ଦ୍ରୋଣଙ୍କୁ ସୁମରି ନାରାଜ କରଇ ସନ୍ଧାନ ।
ପେଷିଲା ଅର୍ଜୁନ ଯେ ନାରାଜ ତୀଖମୁନା
ପଡିଣ ନାରାଜ ହୋଇଲାକ ଚୂନା ।
ପୁଣି ହିଂ ବାସିବି ସେ ବନ୍ଧିଲାକ ଶର

ପଡି ହିଂ ଶହସ୍ର ନ ଭେଦିଲା ଶରୀର ।
ପୁଣି ହିଂ ଅମୋଘ ଶର ପେଷିଲା ସର୍ବସାଚୀ
ଉପୁଡିଲା ଶର ପଡିଲା ତତ୍କ୍ଷଣାନ୍ତି ।
କୋଇନ୍ତାୟେ ବୋଇଲେ ରହ ରହ ପାଥ
ଅସୁର ନୋହଇ ସେ ଭୀମଟି ପ୍ରତକ୍ଷ ।

କୋଇନ୍ତା ବୋଇଲେ ବାବୁ ତୁ ନ ଭାଳ ଯୁଝେଷ୍ଠି
ଦାନବ ନୋହଇ ତୋହୋର ଭାଇ ଭୀମସେନ ହେଟି ।୩୭ ।
ଯୁଝେଷ୍ଠି ବୋଇଲା ମା ଗୋ ୟେଡେକ ନିର୍ଦ୍ଦୟା
ସ୍ତିରୀ ଲିଙ୍ଗ ହୋଇ ପାଷଣ ତୋର ହିୟା ।୩୮ ।
ଗର୍ଭ ଧାରୀ ହୋଇଣ ପୁତ୍ରକୁ ମରାଇ
ଗର୍ଭ ତୋହୋର ଗୋ କିଛିହିଂ ନ ବଥାଇ ।୩୯ ।
କୋଇନ୍ତାୟେ ବୋଇଲେ ଭ୍ରାନ୍ତି ତୁ ନ କର କିଛି
କୁମ୍ଭୀର ଦତ୍ୟ ମାରି ତୋର ଭାଇ ଆସୁଅଛି ।୪୦ ।
ୟେସନେକ ବିଚାର କରନ୍ତେ ଦେବ ଧର୍ମେ
ସନିଧ୍ୟେଣ ପ୍ରବେଶ ହୋଇଲେ ବୀର ଭୀମେ ।୪୧ ।
କୋଇନ୍ତାଙ୍କର ପାଦେ ଭୀମ ହୋଇଲା ପରିଣାମି
ଭୀମକୁ କୋଳ କଲେ ଯୁଝେଷ୍ଠି ଦେବ ସ୍ୱାମୀ ।୪୨ ।
ବାବୁ ଆମ୍ଭର ଦେଖନ୍ତେ ତୋତେ ଗିଳିଲା କୁମ୍ଭୀର
କେବଣ ବାଗେ ବାବୁ ରେ ହୋଇଲୁଂ ବାହାର ।୪୩ ।
-----------------------------

କୁମ୍ଭୀର ଗର୍ଭେ ଥାଇଣ ବ୍ରିକୋଦର
ଅନ୍ତ ଚିରିଣ ଗର୍ଭୁଂ ହୋଇଲା ବାହାର ।
ତାହାର ଚର୍ମ ଯେ ଘୋଡାଇଣ ହୋଇ
ଆସଇ ବ୍ରିକୋଦର ଆମ୍ଭଙ୍କୁ ଡରାଇ ।
ୟେମନ୍ତ ସମୟେ ଡାକ ଦିଅଇ ଭୀମ
କୁମ୍ଭୀରକୁ ଦେଇ ମୋତେ ୟେବେ କରୁଛ ସାଂଗ୍ରାମ ।
ୟେତେ ବୋଲି ସନ୍ନିଧ୍ୟେ ପ୍ରବେଶ ମାରୁତି
ଦେଖିଣ ମନୁ ଭ୍ରାନ୍ତି ଫିଟିଲାକ ଧାତି ।

{ କୁମ୍ଭୀରି ଛାଲ ସେ ଘୋଡି ଯେ ହୋଇଣ
{ ସନ୍ନିଧ୍ୟେ ଯାଇ ସେ ଡରାଇ ପୁଣ ପୁଣ ।
୪୨ { ଦେଖିଣ ଯୁଝେଷ୍ଠି ହୋଇଲେ ଡରସ୍ଥ
{ ଭୀମକୁ ଖାଇ ୟେବେ ଆମ୍ଭଙ୍କୁ କଲା ଗ୍ରସ୍ତ ।
{ ଭୀମସେନ ବୋଲଇ ନ ଡର ତୁମ୍ଭେ ୟେବେ
{ କୁମ୍ଭୀରିକି ମାରିଣ ଅଇଲି ମୁହିଂ ୟେବେ ।

ଭୀମସେନ ବୋଇଲା ସ୍ୱାମୀ ଗର୍ଭେ ତାର ଥିଲି
ଓଦର ବିଦାରି ଦେବ ମୁଂ ବାହାର ହଇଲି ।୪୪ ।
କହଇ ଭୀମସେନ ସାନନ୍ଦ ତୋଷ ମନେ
ଚାଲଇ ପବନ ଗତି ଘୋର ଗହନ ବନେ ।୪୫ ।
ଚାଲନ୍ତେ ଶତେ ହାଥ ହୋଇ ୟେକ ଭଡା
ହାବୋଡା ଘାତେ ବୃକ୍ଷ ପର୍ବତ ହୋଉଛନ୍ତି ଚୂରା ।୪୬ ।
ଚାଲି ନ ପାରି କୋଇନ୍ତାୟେ ବସିଲେକ ଫୁଟି

ରହ ରହ ଭୀମସେନ ଚାଲି ନ ପାରିଲେ ମାୟେ ବୋଲି ବୋଲନ୍ତି ଯୁଝେଷ୍ଠି ।୪୭ ।
ଭୀମସେନ ବୋଇଲା ମାତା ଗୋ କେମନ୍ତେ କରନ୍ତୁ
ଦ୍ରିଯୋଧନ ବେଣ୍ଟକାରେ ବୁଲନ୍ତି ଯେଥୁଂ କେତେ କାଳ ଯା'ନ୍ତୁ ।୪୮ ।
କୋଇନ୍ତାଙ୍କୁ କୋଳ କରି ଧଇଲା ପାବେନି
ମଥାର ଉପରେ ବସାଇଲା କରେ ଘେନି ।୪୯ ।
ଡାହାଣ କନ୍ଧେ ଯୁଝେଷ୍ଠି ବାମ କାନ୍ଧେଣ କିରାଟୀ
ନକୁଳ ସହଦେବ ବେନି କାଖେ ବେନି ଗୋଟି ।୫୦ ।
ପବନହୁଂ ବେଗେ ଖେପଇ ଭୀନସେନ
ଘଡିକେ ଯାଉଅଛି କୋଡିୟେ ଯୋଦନ ।୫୧ ।
ବନ ଜୀବମାନେ ପଳାବନ୍ତି ଡରେ
କୁତୂହୋଳେ ଗଣ୍ଡା ଗୟଳ ହରଷେ ଧରଇ ବ୍ରିକୋଦର ।୫୨ ।
ବଇବସୁତ ମନୁ ପୁଛାକଲେ ଅଗସ୍ତିଙ୍କି
ଜଦୁର ଘରୁ ପୁରଞ୍ଜନ ଗଲା ଯେ କେଣିକି ।୫୩ ।
ଶବରୁଣୀ ପଞ୍ଚପୁତ୍ରେ କଲେ ଯେ କେମନ୍ତେ
ଏହା ମୋତେ ସଞ୍ଚପି କହିବା ତପୋବନ୍ତା ।୫୪ ।
-----------------------------

୪୯ ।୧ ପଦ ପରେ ଅଧିକା ପାଠ:-
ତାହାଙ୍କର ଭେଟ ପଡିଲେ ହୋଇବ ଅସାର
ତୁମ୍ଭେ ଓ ୱଧର୍ମ ଆତ୍ମା ଜାଣିଣ ବିଚାର ।
ଯୁଝେଷ୍ଠି ବୋଇଲେ ତୋହୋରେ ସବୁ ହୋଇ
ଯେ ଦୁରୁଗମ ପଥରୁ କେମନ୍ତେ ପାର ହୋଇବାଇଂ ।
ଯୁଝେଷ୍ଠିଙ୍କ ବଚନ ଶୁଣିଣ ବ୍ରିକୋଦର
ତୁରିତେ ମିଳିଲେ ଯାଇଂ ମାତଙ୍କ ଛାମୁର ।

ଅଗସ୍ତି ପ୍ରତିବାକ୍ୟ ଶୁଣ ମହାମନୁ
ଜଦୁର ଘର ଦହିଲା ଯେ ପବନର ତନୁ ।୫୫ ।
ଅଗ୍ନିର ତେଜେ ଯେ ପଡିଲା ମିଳାଇ
ପୁରଞ୍ଜନ ପଣ୍ଡା ଯେ ନାଶ ଗଲା ତହିଂ ।୫୬ ।
ଜୟନ୍ତା ଶବରୁଣୀ ପଞ୍ଚୁପୁତ୍ର ଘେନି
ମହାନିଦ୍ରେୟେ ସେ ଦହନ ହୋଇଲା ରୟେଣୀ ।୫୭ ।
ଶବରୁଣୀ ପଞ୍ଚୁପୁତ୍ର ଶବରୁଣୀକି ଘେନି ଛଡ ଜଣ
ତାହାଙ୍କର ତୁଲେ ଯେ ମଲା ପୁରଞ୍ଜନ ବ୍ରାହ୍ମଣ ।୫୮ ।
ଯେ ସାତେ ହେଂ ଦହନ ହୋଇଲେ ଜଦୁର ଘରେ
ସମସ୍ତ ନାଶ ଗଲେ ଅଗ୍ନିର ସମ୍ପୃରେ ।୫୯ ।-୬୭୭୦ ।
**********